# ଗଣର ଗୌଣିକ ଓ ଭାବର ଭାସ୍କର୍ଯ୍ୟ

ଡକ୍ଟର ନାରାୟଣ ପଣ୍ଡା

ପୃଥିବୀର ବହୁ ଭାଷାରେ ଅନୁବାଦିତ ଓ ସରସସୁନ୍ଦର ଶବ୍ଦରେ ରଚିତ 'ଗୀତଗୋବିନ୍ଦ' ମହାକବି ଜୀବନ୍ମୁକ୍ତ ଜୟଦେବଙ୍କ ଅନନ୍ୟ ଅନୁପମ ଅମଳିନକୃତି । ସାବଲୀଳ ରାଧାକୃଷ୍ଣଙ୍କ କେଳି ଓ ଦଶ ଅବତାର ପ୍ରସଙ୍ଗ ଯେପରି ବିଦଗ୍ଧ ବିବୁଧଗଣଙ୍କୁ ଅଭିଭୂତ କରେ, ସେପରି ସଂସ୍କୃତ ବିଶାରଦମାନଙ୍କୁ ମନ୍ତ୍ରମୁଗ୍ଧ କରେ । ପ୍ରେମ ବିଜଡିତ ଭାବବିନିମୟରେ, ସୁଲଳିତ ଯମକପୂର୍ଣ୍ଣ ସୁକୋମଳ ଭାଷା ଭାସ୍କର୍ଯ୍ୟର କଳା କୋଣାର୍କ 'ଗୀତଗୋବିନ୍ଦ' ଉତ୍କଳୀୟ ଜନମାନସର ମହାର୍ଘ ମନ୍ତ୍ରୀମାନ ମଧୁକୋଷ ।

କଳା ଓ ଲୀଳାର ଅଭିନବ କ୍ଷେତ୍ର ଉତ୍କଳ । ପୁରୁଷୋତ୍ତମ କ୍ଷେତ୍ର ବହୁ ଧାର୍ମିକ ପରମ୍ପରାର, ଜୀବନ ଦର୍ଶନର ଲୀଳାଭୂମି । ବୈଷ୍ଣବ କ୍ଷେତ୍ର ଭାବରେ ପୁରୁଷୋତ୍ତମ ପୀଠ ସର୍ବବାଦୀ ସମ୍ମତ । ନୀଳାଚଳ ଧାମ ଅଦୂରରେ ପବିତ୍ର ପ୍ରାଚୀନଦୀ କୂଳରେ ଜୟଦେବଙ୍କ ଜନ୍ମସ୍ଥାନ ବୋଲି ମୈଥିଳୀ ପଣ୍ଡିତ କେଶବ ମିଶ୍ର 'ଅଳଙ୍କାର ଶେଖର' ଗ୍ରନ୍ଥରେ, ମୈଥିଳୀ ପଣ୍ଡିତ ଚନ୍ଦ୍ରଦତ୍ତ 'ଭକ୍ତମାଳା' ଗ୍ରନ୍ଥରେ ଏବଂ ମହାରାଷ୍ଟ୍ରର କବି ମହାପତି 'ଭକ୍ତିବିଜୟ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି । ଚନ୍ଦ୍ରଦତ୍ତ 'ଭକ୍ତମାଳା' ଗ୍ରନ୍ଥରେ ସ୍ପଷ୍ଟଭାବରେ ପ୍ରକାଶ କରିଛନ୍ତି–

ଜଗନ୍ନାଥ ପୁରୀପ୍ରାନ୍ତେ ଦେଶେ ଚୈତୋତ୍କଳାଭିଧେ ।
କିନ୍ଦୁବିଲ୍ୱ ଇତି ଖ୍ୟାତୋ ଗ୍ରାମୋ ବ୍ରାହ୍ମଣସଂକୁଳଃ ॥
ତତ୍ରୋତ୍କଳେ ଦ୍ୱିଜୋ ଜାଣେ ଜୟଦେବ ଇତିଶ୍ରୁତଃ ।
ବିଦ୍ୟାଭ୍ୟାସଃ ରତଃ ଶାନ୍ତଃ ପୁରୁଷୋତ୍ତମ ପୂଜକଃ ॥
(ଭକ୍ତମାଳା– ସର୍ଗ– ୩୯)

ମୈଥିଳୀ ପଣ୍ଡିତ 'ଅଳଙ୍କାର ଶେଖର' ଗ୍ରନ୍ଥର ପ୍ରଣେତା କେଶବ ମିଶ୍ର ଯଥାର୍ଥରେ ପ୍ରକାଶ କରିଛନ୍ତି–

''ପ୍ରାକ୍ ପ୍ରତ୍ୟକ ପୃଥିବୀଭୃତୋଃ ପରିଷଦ ପ୍ରଖ୍ୟାତ ସଂଖ୍ୟାବତାଂ
ମହନୀୟା ଭୁତତକ କର୍ଣଶୟା ବିଦ୍ୟବିଦ୍ୟାମଦଂ
ଯେ କେନ୍ଦ୍ରପୁତ୍କଳ ତେ ତବସଭା ସମ୍ଭାବିତାଃ ପଣ୍ଡିତଃ
ତତ୍ର ଶ୍ରୀଜୟଦେବ ପଣ୍ଡିତ କବି ସ୍ତମନ୍ଦ୍ୱି ବିନ୍ୟସତି ।''

ଉତ୍କଳ ଭୂପତିଙ୍କ ସଭାମଣ୍ଡନ କରୁଥିବା କବି ପଣ୍ଡିତମାନଙ୍କ ମଧ୍ୟରେ ଜୟଦେବ ସର୍ବଶ୍ରେଷ୍ଠ ଥିଲେ । ଗୋଆଲିଅରବାସୀ ନାଭୋଜୀ ହିନ୍ଦୀରେ 'ଭକ୍ତମାଳା' ରଚନା କରି ୧୫୮୫ରେ ଜୟଦେବଙ୍କ କଥା ଉଲ୍ଲେଖ କରିଥିଲେ । ଉକ୍ତ ଗ୍ରନ୍ଥର ଟୀକାକାର ପ୍ରିୟାଦାସ ଜୟଦେବଙ୍କୁ ପୁରୁଷୋତ୍ତମ ଅଧିବାସୀ ରୂପେ ପ୍ରକାଶ କରିଛନ୍ତି

'ଭକ୍ତିବିଜୟ' ଗ୍ରନ୍ଥରେ ମହାରାଷ୍ଟ୍ରର କବି ମହୀପତି ଜୟଦେବଙ୍କ ଜନ୍ମସ୍ଥାନ ଶ୍ରୀକ୍ଷେତ୍ର ନିକଟବର୍ତ୍ତୀ କେନ୍ଦୁବିଲ୍ୱ ବୋଲି ସୂଚନା ଦେଇଛନ୍ତି । କବି ଯଥାର୍ଥରେ ପ୍ରକାଶ କରିଛନ୍ତି–

''ଜଗନ୍ନାଥ କ୍ଷେତ୍ର ସମୀପ ଜାଣ
କେନ୍ଦୁବିଲ୍ୱ ଗ୍ରାମ ନାମାଭିଧାନ ।
ବ୍ରାହ୍ମଣବଂଶୀ ଅବତାର ପୂର୍ଣ୍ଣ
ତେଥେ ଘେତଲା ଶ୍ରୀବ୍ୟାସେ ।
ତୋନି ଜୟଦେବ କବିନେଂ କବିନ
ଶ୍ରୀଗୀତଗୋବିନ୍ଦ ଗ୍ରନ୍ଥ କଇଲା ।''

ମହାପତି କବି ଜୟଦେବଙ୍କୁ ବ୍ୟାସାବତାର ଭାବରେ ଗ୍ରନ୍ଥରେ ସମ୍ମାନିତ କରିଛନ୍ତି । 'କୁଳଦୀପକ' ଗ୍ରନ୍ଥରେ ଜୟଦେବଙ୍କୁ ଉତ୍କଳବାସୀ ଭାବରେ ଅଭିହିତ କରାଯାଇଛି । 'ସଂସ୍କୃତ କବି ଜୀବନୀ' ଗ୍ରନ୍ଥରେ ଆନ୍ଧ୍ରପ୍ରଦେଶର ପଣ୍ଡିତ ମାଲ୍ଲଜି ସୂର୍ଯ୍ୟନାରାୟଣ ଶାସ୍ତ୍ରୀ 'ଗୀତଗୋବିନ୍ଦ'ର ଲେଖକ ଜୟଦେବ ଏକାଦଶ

ଶତାବ୍ଦୀରେ ଉତ୍କଳର ଜଗନ୍ନାଥକ୍ଷେତ୍ର ନିକଟବର୍ତ୍ତୀ କେନ୍ଦୁବିଲ୍ୱ ଗ୍ରାମବାସୀ ବୋଲି ପ୍ରକାଶ କରିଛନ୍ତି ।

୧୮୬୫ ଖ୍ରୀଷ୍ଟାବ୍ଦରେ ମହାରାଷ୍ଟ୍ରର ହରିଦାସ ହୀରାଚାନ୍ଦ ତାଙ୍କ ଦ୍ୱାରା ସମ୍ପାଦିତ ଏକ ପୁସ୍ତକର ମୁଖବନ୍ଧରେ ମରାଠୀ ଭାଷାରେ ଲେଖିଛନ୍ତି ଯେ ଜୟଦେବ ଶ୍ରୀକ୍ଷେତ୍ର ନିକଟବର୍ତ୍ତୀ କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଲେଖକଙ୍କ ଭାଷାରେ ''ଶ୍ରୀଜଗନ୍ନାଥ କ୍ଷେତ୍ର ପାଶେଂ କେନ୍ଦୁବିଲ୍ୱ ନାମେ ଗ୍ରାମମାଂ କାନ୍ୟକୁବ୍ଜ ଜାତିନା ଭୋଜଦେବ ନାମେ ଏକ ବ୍ରାହ୍ମଣ ହତା । ତେନା ରାଧାନାମେ ସ୍ତ୍ରୀ ହତୀ । ତେଥି ଶ୍ରୀଜୟଦେବ କବି ଉତ୍ପନ୍ନ ଥୟା'' । ହିନ୍ଦୀ ସାହିତ୍ୟର ବିଶିଷ୍ଟ ଆଲୋଚକ ଡକ୍ଟର ପରଶୁରାମ ଚତୁର୍ବେଦୀଙ୍କ ଗ୍ରନ୍ଥ 'ଉତ୍ତର ଭାରତକୀ ସନ୍ଥ ପରମ୍ପରା'ରେ ପ୍ରକାଶ କରିଛନ୍ତି ଜୟଦେବ ଉତ୍କଳର କବି ଥିଲେ । ଯଥାର୍ଥରେ ଗବେଷକଙ୍କ ମତରେ– 'ଇନକା (ଜୟଦେବକା) ଜନ୍ମସ୍ଥାନ ବାସ୍ତବ ମେ କେନ୍ଦୁଲୀ ଶାସନ ଗାଓ ମେ ହୈ, ଯୋ ଓଡ଼ିଶା ପ୍ରାନ୍ତମେ ପୁରୀକେ ନିକଟ କିସୀ ପ୍ରାଚୀ ନଦୀପର ଅବସ୍ଥିତ ହୈ । ଇନକେ ଉଡିୟା ହୋନେକା ପ୍ରମାଣ ଇସ୍ ବାତସେ ଭୀ ଦୀଖଲାୟା ଜାତା ହୈ କି, ଓ୍ୱ ହାଁ କେ ଲୋଗ୍ ଇସ୍ କବିସେ ଅଧିକ ପରିଚିତ ଜାନ ପଡତେ ହୈ ।''

ପଞ୍ଚସଖା ଯୁଗର କବି ମାଧବ ପଟ୍ଟନାୟକଙ୍କ 'ବୈଷ୍ଣବ ଲୀଳାମୃତ' ଗ୍ରନ୍ଥରେ କବି ଜୟଦେବଙ୍କ ପରିଚୟ ବିସ୍ତୃତ ଭାବରେ ରହିଛି । ପଦ୍ମନାଭ ତ୍ରିପାଠୀ 'ବୈଷ୍ଣବଲୀଳାମୃତ' ଗ୍ରନ୍ଥରେ ଶ୍ରୀଜୟଦେବ' ଶୀର୍ଷକ ପ୍ରବନ୍ଧରେ ଜୟଦେବଙ୍କ ଜନ୍ମସ୍ଥାନ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଛନ୍ତି । ଯଥାର୍ଥରେ କବି ମାଧବ ପଟ୍ଟନାୟକଙ୍କ ଭାଷାରେ–

''ବିପ୍ର ସେ ଜୟଦେବ ନାମ । କ୍ଷେତ୍ରବରକୁ ଆଗମନ ।
କେନ୍ଦୁଲୀ ଶାସନ ତା ଗ୍ରାମ । ପ୍ରାଚୀନଦୀର ତଟପୁଣ ।
ନିଆଳି ମାଧବ ସମୀପେ । ଭଗତି କଲା ନାନା ରୂପେ ।
ଶାସ୍ତ୍ର ପୁରାଣେ ବିଚକ୍ଷଣ । କବିତ୍ୱ ମାର୍ଗେ ତା'ର ମନ ।
ଗୀତ ସେ ରଚିବି ବୋଇଲା । କ୍ଷେତ୍ରବାସକୁ ମନ ଦେଲା ।
ଶ୍ରୀଜଗନ୍ନାଥ ଦାସ ସମୀପେ । ଶୁଦ୍ଧ ସାତ୍ତ୍ୱିକ ମତିଭାବେ ।
ରଚିଲା ଶ୍ରୀଗୀତଗୋବିନ୍ଦ । ଲଭିଲା ପରମ ଆନନ୍ଦ ।
ଶ୍ରୀରାଧା ମାଧବର ଲୀଳା । ମଧୁର ସ୍ୱରରେ ଗାଇଲା ।
ପତ୍ନୀ ତାହାର ପଦ୍ମାବତୀ । ଗୀତର ତାଳେ ସେ ନୃତ୍ୟନ୍ତି ।

(ବୈଷ୍ଣବ ଲୀଳାମୃତ– ଦ୍ୱିତୀୟ ଅଧ୍ୟାୟ)

କବି ମାଧବ ପଟ୍ଟନାୟକ 'ବୈଷ୍ଣବ ଲୀଳାମୃତ' ଗ୍ରନ୍ଥରେ କେବଳ ଜୟଦେବଙ୍କ ଜନ୍ମସ୍ଥାନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ତା'ନୁହେଁ, ସେ ଚୈତନ୍ୟଙ୍କ ଆଗମନକୁ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ 'ଗୀତଗୋବିନ୍ଦ'ର ମହତ୍ତ୍ୱ ଓ ବୈଶିଷ୍ଟ୍ୟକୁ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । ବୈଷ୍ଣବ ଲୀଳାମୃତ ଗ୍ରନ୍ଥର ଅଷ୍ଟମ ଅଧ୍ୟାୟରେ କବି ପ୍ରକାଶ କରିଛନ୍ତି– ''ପ୍ରଭୁ ଶ୍ରୀଚୈତନ୍ୟ ତାଙ୍କର ଶିଷ୍ୟବର୍ଗ ଏବଂ ପଞ୍ଚସଖା ସାଧକମାନଙ୍କ ସହିତ ଜୟଦେବଙ୍କ ଗ୍ରାମ କେନ୍ଦୁବିଲ୍ୱ ଏବଂ ସନ୍ନିକଟ ନିଆଳିମାଧବ ଗ୍ରାମରେ କୀର୍ତ୍ତନ କରି କୋଣାର୍କର ଚନ୍ଦ୍ରଭାଗା ତୀର୍ଥରେ ବୁଡ ପକାଇଥିଲେ । ଯଥାର୍ଥରେ କବିଙ୍କ ଭାଷାରେ–

''ନିଆଳି ମାଧବେ ଗମନ । ପ୍ରାଚୀରେ ଅଙ୍ଗ ପ୍ରକ୍ଷ୍ୟାଳନ ।
ମାଧବେ ଭଗତି ଅର୍ପଣ । କୀର୍ତ୍ତନ ରାସ ପ୍ରସାରଣ ।
ବହୁତ ଲୋକ ମେଳହୋନ୍ତି । ମକର ମେଳା ସେ କରନ୍ତି ।
ଗୀତଗୋବିନ୍ଦ ନୃତ୍ୟରସେ । ଜୟଦେବର ପରଶଂସେ ।
କେନ୍ଦୁଲୀ ଗ୍ରାମର ମଧେଣ । କୀର୍ତ୍ତନ ରସ ପ୍ରସାରଣ ।
ତହୁଁ ଗମନ୍ତି ଚନ୍ଦ୍ରଭାଗା । ପଡଇ ମୁହଁ ତହିଁ ରଙ୍ଗା ।''

(ବୈଷ୍ଣବ ଲୀଳାମୃତ: ଅଷ୍ଟମ ଅଧ୍ୟାୟ)

୧୯୧୭ ମସିହାରେ ସ୍ୱର୍ଗତଃ ଐତିହାସିକ ଜଗବନ୍ଧୁ ସିଂହ ଉତ୍କଳ ସାହିତ୍ୟ ସମାଜର ଏକ ସାଧାରଣ ଅଧିବେଶନରେ ''ପ୍ରାଚୀନ ଉତ୍କଳର ସଂସ୍କୃତ ସାହିତ୍ୟ ଓ ଜୟଦେବ'' ଶୀର୍ଷକ ପ୍ରବନ୍ଧ ପାଠକରି ସେଥିରେ ଶ୍ରୀଗୀତଗୋବିନ୍ଦ ପ୍ରଣେତା ଶ୍ରୀଜୟଦେବ ପ୍ରାଚୀ ତୀରବର୍ତ୍ତୀ କେନ୍ଦୁଲୀ(କେନ୍ଦୁବିଲ୍ୱ)ରେ ଜନ୍ମଗ୍ରହଣ କରିଥିବା ତଥ୍ୟ ପ୍ରକାଶ କରିଥିଲେ ।

କବି ସାର୍ବଭୌମଂ ବାଣଭଟ୍ଟ ମହାକବି ଓ ଭବଭୂତି, ବାଲବାଲ୍ମୀକି ମୁରାରି, ପ୍ରସିଦ୍ଧ ଉତ୍କଳୀୟ ଜ୍ୟୋତିଷ ଓ ସ୍ମୃତିକାର ଶ୍ରୀ ଶତାନନ୍ଦ ଆଚାର୍ଯ୍ୟ, ଉତ୍କଳୀୟ କବିବର ଗୋବର୍ଦ୍ଧନାଚାର୍ଯ୍ୟ ଓ କବିରାଜ ରାଜି ମୁକୁଟାଳଙ୍କାରହୀର ଶ୍ରୀହର୍ଷଙ୍କ ପଦାଙ୍କ ଅନୁସରଣ କରି 'କବିରାଜ-ରାଜ' ଶ୍ରୀଜୟଦେବ ସ୍ୱୀୟ ଅମରକୃତି ଶ୍ରୀଗୀତଗୋବିନ୍ଦର ଶେଷ ସର୍ଗର ଶେଷାଂଶରେ ସ୍ୱୀୟ ପିତା ଭୋଜଦେବ ଓ ମାତା ରାମାଦେବୀଙ୍କ ନାମ ଉଲ୍ଲେଖ କରିଛନ୍ତି । କବି ଜୟଦେବ 'ଶ୍ରୀଗୀତଗୋବିନ୍ଦ'ର ଶେଷ ସର୍ଗରେ ପ୍ରକାଶ କରିଛନ୍ତି–

ଶ୍ରୀ ଭୋଜଦେବପ୍ରଭବସ୍ୟ ରାମାଦେବୀସୁତ ଶ୍ରୀଜୟଦେବସ୍ୟ ପରାଶରାଦି ପ୍ରିୟବର୍ଗ କଣ୍ଠେ ଶ୍ରୀଗୀତଗୋବିନ୍ଦ କବିତ୍ୱମସ୍ତୁ ।

(ଶ୍ରୀଗୀତଗୋବିନ୍ଦମ୍ ଦ୍ୱାଦଶ ସର୍ଗ)

ଶ୍ରୀଗୀତଗୋବିନ୍ଦର କେତେକ ଟୀକାରେ ଉକ୍ତ ଶ୍ଳୋକର ବ୍ୟାଖ୍ୟା ଦିଆଯାଇ ନଥିବାରୁ ଏହାକୁ କେତେକ ଗବେଷକ, ଐତିହାସିକ ପ୍ରମାଦପୂର୍ଣ୍ଣ ବୋଲି ବିବେଚନା କରନ୍ତି । କିନ୍ତୁ ଚତୁର୍ଦ୍ଦଶ ଶତାବ୍ଦୀରେ ଆବିର୍ଭୂତ ପ୍ରସିଦ୍ଧ ମୈଥିଳୀ ପଣ୍ଡିତ ଜଗଦ୍ଧର କୃତ ଶ୍ରୀଗୀତଗୋବିନ୍ଦର 'ସାରଦୀପିକା' ନାମ୍ନୀ ଟୀକା ଏବଂ ଉକ୍ତ ଶତାବ୍ଦୀର ଶେଷ ଭାଗରେ ଖ୍ୟାତିଲାଭ କରିଥିବା ଉତ୍କଳୀୟ କବିରାଜ ନାରାୟଣ ଦାସଙ୍କ କୃତ ବହୁ ପ୍ରଚଳିତ ସର୍ବାଙ୍ଗ ସୁନ୍ଦରୀ ଟୀକାରେ ଉକ୍ତ ଶ୍ଳୋକର ବିଶଦାର୍ଥ ସନ୍ନିବିଷ୍ଟ ଥିବାରୁ ଏହାର ପ୍ରାମାଣିକତା ଗ୍ରହଣୀୟ । ବିଶିଷ୍ଟ ଗବେଷକ, ଐତିହାସିକ କେଦାର ନାଥ ମହାପାତ୍ର, 'ଜୟଦେବ ଓ ଶ୍ରୀଗୀତଗୋବିନ୍ଦ' ପୁସ୍ତକରେ ପ୍ରାମାଣିକ ତଥ୍ୟକୁ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି ।

ଶ୍ରୀଜୟଦେବଙ୍କ ଅମର କୃତି 'ଶ୍ରୀଗୀତଗୋବିନ୍ଦମ୍'ର ପ୍ରଥମ ମଙ୍ଗଳାଚରଣ ଶ୍ଳୋକ ପରବର୍ତ୍ତୀ ଦ୍ୱିତୀୟ ଶ୍ଳୋକରେ ସ୍ୱୀୟ ପତ୍ନୀ ପଦ୍ମାବତୀଙ୍କ ଗଭୀର କୃଷ୍ଣଭକ୍ତି ଓ ଗୀତଲୟ-ଗାନ-ତାନ ନର୍ତ୍ତନକଳା କୌଶଳ ମର୍ମଳ ଭାବରେ ପ୍ରକାଶ କରିଛନ୍ତି । ଗୀତଗୋବିନ୍ଦରେ କବିଙ୍କ ଭାଷାରେ-

''ବାଗ୍‌ଦେବତା- ଚରିତ ଚିତ୍ରିତ-ଚିତ୍ତପଦ୍ମା
ପଦ୍ମାବତୀ ଚରଣଚାରଣ ଚକ୍ରବର୍ତ୍ତୀ
ଶ୍ରୀବାସୁଦେବ ରତିକେଳି କଥା ସମେତ

ମେତଂ କରୋତି ଜୟଦେବ କବିଃ ପ୍ରବନ୍ଧମ୍ । ଚତୁର୍ଦ୍ଦଶ ଶତାବ୍ଦୀରେ ଆବିର୍ଭୂତ ଧୃତି ଦାସ ସ୍ୱୀୟ ''ସନ୍ଦର୍ଭ ଦୀପିକା'' ଟୀକାରେ ପଦ୍ମାବତୀଙ୍କୁ ଜୟଦେବଙ୍କ ଭାର୍ଯ୍ୟାରୂପେ ଗ୍ରହଣ କରିଛନ୍ତି ।

ଏଗାରବର୍ଷ ବୟସରେ କବି ପିତୃମାତୃ ସ୍ନେହରୁ ବଞ୍ଚିତ ହୋଇଥିଲେ । ଗୃହତ୍ୟାଗ କରି ଜୟଦେବ ସ୍ୱକ୍ଷେତ୍ରରୁ ଶ୍ରୀକ୍ଷେତ୍ରକୁ ଚାଲି ଆସିଥିଲେ । ଜଣେ ଅନୁରକ୍ତ ମାଧବ ଭକ୍ତ ଭାବରେ କବି ନିଜକୁ ପ୍ରତିପାଦିତ କରିଥିଲେ ।

'ଗୀତଗୋବିନ୍ଦ' ରାଧାକୃଷ୍ଣଙ୍କ ଶୃଙ୍ଗାରଲୀଳାରେ ଯେପରି ରସୋତ୍ତୀର୍ଣ୍ଣ, ଭକ୍ତିରସରେ ସେପରି ଋଦ୍ଧିମନ୍ତ ।'ଗୀତଗୋବିନ୍ଦ'ର ମଧୁର-କୋମଳ-କାନ୍ତ ପଦାବଳୀ ଅୟସକାନ୍ତ ଲୌହଦଣ୍ଡକୁ ଆକର୍ଷଣ କଲାପରି ପାଠକକୁ ଅନାୟାସରେ ଆକୃଷ୍ଟ କରେ ଓ ଆମୋଦିତ କରେ । ଜର୍ମାନ୍‌ର ଜଣେ ପ୍ରସିଦ୍ଧ ପଣ୍ଡିତ ଡ. ମୌରିସ୍ ୱିଣ୍ଟରନିଜ୍ (Dr. Maurice Winternitz) 'ଗୀତଗୋବିନ୍ଦ' ସମ୍ପର୍କରେ ପ୍ରକାଶ କରିଛନ୍ତି- "It is true that Jayadeva belongs to the greatest poetical genius of india. it is, however astonishing that he was able to combine so much passion and sentiment of love, so much alliteration in language, that often resounds as pure music in our ears, with such an ornate and yet artificial a form. it is no wonder that in india the poem enjoys unusual popularity and has always found admirers even outside India."

ରାଧାକୃଷ୍ଣଙ୍କ କେଳି ପ୍ରସଙ୍ଗ 'ଗୀତଗୋବିନ୍ଦ'ର ବିଷୟବସ୍ତୁ । ଗୀତଗୋବିନ୍ଦ କାବ୍ୟ ୧୨ଟି ସର୍ଗ, ୨୪ଟି ଗୀତ ଓ ୭୨ଟି ଶ୍ଳୋକରେ ବିଭକ୍ତ । କାବ୍ୟର ଗୀତମାନଙ୍କ ମଧ୍ୟରୁ ପ୍ରଥମ ଗୀତଟି ୧୧ପଦରେ, ଦଶମ ଗୀତଟି ୫ ପଦରେ ଓ ଅବଶିଷ୍ଟ ୨୨ଟି ଗୀତ ୮ପଦରେ ବିଭକ୍ତ । ଆଠପଦ ବିଶିଷ୍ଟ ଗୀତ ଏଥିରେ ସନ୍ନିବିଷ୍ଟ ଥିବାରୁ ଏହାକୁ ଅଷ୍ଟପଦୀ ବୋଲି କୁହାଯାଏ । ଉକ୍ତ ଗୀତଗୁଡ଼ିକ ମାଳବ, ଗୁର୍ଜ୍ଜରୀ, ବସନ୍ତ, ଦେଶୀବରାଡ଼ୀ, ରାମକେରୀ, ଗୁଣ୍ଡକେରୀ, ବେଶାଖ୍ୟା, କର୍ଣ୍ଣାଟ, ଭୈରବୀ, ବିଳାସ ଆଦି ଦଶଗୋଟି ରାଗରେ ଲିଖିତ ।

'ଗୀତଗୋବିନ୍ଦ' କାବ୍ୟରେ କବି ପରମେଶ୍ୱରଙ୍କୁ ଶ୍ରୀକୃଷ୍ଣ ରୂପରେ ଅଭିହିତ କରିବା ସହିତ ଦଶାବତାର ସ୍ତବ ରଚନା କରି ବନ୍ଦନା କରିଛନ୍ତି ।

ସ୍ୱୟଂ ଭଗବାନ 'କୃଷ୍ଣ' ଅବତାରରେ ତାଙ୍କର ମଥୁରା ଲୀଳା ପ୍ରମୁଖ ବହୁବିଧ ଲୀଳା ମଧ୍ୟରେ ବୃନ୍ଦାବନରେ ଶ୍ରୀରାଧାଙ୍କ ସହିତ ଯେଉଁ ପ୍ରଣୟଲୀଳା ସମ୍ପାଦନ କରିଥିଲେ, ତାହାକୁ କବି ସୁନ୍ଦର ଭାବରେ 'ଗୀତଗୋବିନ୍ଦ'ରେ ଉପସ୍ଥାପନ କରିଛନ୍ତି । ବୈଷ୍ଣବ ଭକ୍ତମାନଙ୍କ ମତରେ ଜୀବାତ୍ମା ପରମାତ୍ମାଙ୍କ ପ୍ରତି ଯେପରି ଆକୃଷ୍ଟ ପରାତ୍ମା ଜୀବାତ୍ମା ପ୍ରତି ସେହିପରି ଆକୃଷ୍ଟ । ଏହି ପାରସ୍ପରିକ ପ୍ରେମ ଗୀତଗୋବିନ୍ଦ କାବ୍ୟରେ ରୂପକ ଛଳରେ ପ୍ରଦତ୍ତ ବୋଲି ବୈଷ୍ଣବମାନଙ୍କର ମତ ।

'ଗୋବିନ୍ଦ'ଙ୍କ ସମ୍ପର୍କୀୟ ଗୀତ ସମ୍ବଳିତ କାବ୍ୟ ଗୀତଗୋବିନ୍ଦ । କଥାବସ୍ତୁ ସମ୍ପର୍କୀୟ କେତେଗୁଡ଼ିଏ ପଦ୍ୟାଂଶ ମଧ୍ୟରେ ଚବିଶଗୋଟି ଗୀତକୁ ପାଥେୟ କରି ଗୀତଗୋବିନ୍ଦ ଚଳଚଞ୍ଚଳ । ତିନିଗୋଟି ଚରିତ୍ରକୁ ଉପଜୀବ୍ୟ କରି ଗୀତଗୋବିନ୍ଦ ରଚିତ । ଶ୍ରୀରାଧା, ଶ୍ରୀକୃଷ୍ଣ ଏବଂ ଦୂତୀ ଗୀତଗୋବିନ୍ଦର ପ୍ରମୁଖ ଚରିତ୍ର । କଥାବସ୍ତୁର ସ୍ଥାନ ଯମୁନା ତଟବର୍ତ୍ତୀ ବୃନ୍ଦାବନ, ସମୟ ବସନ୍ତଋତୁ । ଗୀତଗୋବିନ୍ଦର ଗୀତରେ ପ୍ରାୟ ଆଠଗୋଟି

ଲେଖାଏଁ ପଦ ଥିବାରୁ ଏହାର ଅନ୍ୟନାମ 'ଅଷ୍ଟପଦୀ' କାବ୍ୟ । ଭାଷାଗତ ବୈଶିଷ୍ଟ୍ୟ ଗୀତଗୋବିନ୍ଦକୁ ସର୍ବତ୍ର ଜନପ୍ରିୟ କରିଛି ।

ମଧୁର କୋମଳ କାନ୍ତ ପଦାବଳୀର ଅନନ୍ୟ କୃତି ଗୀତଗୋବିନ୍ଦ ଜୟଦେବଙ୍କ ଲେଖନୀର ତାରକଷିକାମ । ବୈବର୍ତ୍ତ ରୀତିରେ ରଚିତ ଚବିଶଟି ଗୀତର ସାଙ୍ଗୀତିକତା ଯେପରି ହୃଦୟସ୍ପର୍ଶୀ ସେପରି ମର୍ମିକ । ଗୀତଗୋବିନ୍ଦ ପୂର୍ବରୁ ରାଧା ଧର୍ମ ସାହିତ୍ୟରେ ସ୍ଥାନ ପାଇଥିଲେ ମଧ ଜୟଦେବ 'ଗୀତଗୋବିନ୍ଦ'ରେ ରାଧାଙ୍କୁ ଏକ ମୁଖ୍ୟସ୍ଥାନଦେଇ ନୂତନ ଦିଗର ଉନ୍ମୋଚନ କରିଛନ୍ତି । ଗୀତଗୋବିନ୍ଦର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଜୟଦେବ ପ୍ରକାଶ କରିଛନ୍ତି ।

''ଯଦି ହରି ସ୍ମରଣେ ସରସଂ ମନୋ ।
ଯଦି ବିଳାସ କଳାସୁ କୁତୂହଳମ୍ ॥
ମଧୁର କୋମଳ କାନ୍ତ ପଦାବଳୀଂ
ଶୃଣୁ ତଦା ଜୟଦେବ ସରସ୍ୱତୀମ୍ ॥

ଯଦି ହରିଙ୍କ ସ୍ମରଣ ଦ୍ୱାରା ମନକୁ ସରସ କରିବାକୁ କାମନା କର, ଯଦି ହରିଙ୍କ ବିଳାସ କଳା ଜାଣିବା ଲାଗି କୌତୁହଳ ଅଛି, ତେବେ କବି ଜୟଦେବଙ୍କ ରଚିତ ମଧୁର କୋମଳ କାନ୍ତପଦାବଳୀ 'ଗୀତଗୋବିନ୍ଦ' ଶ୍ରବଣ କର ।

ବାରଗୋଟି ସର୍ଗରେ ରସୋତ୍ତୀର୍ଣ୍ଣ 'ଗୀତଗୋବିନ୍ଦ' କୃଷ୍ଣଭକ୍ତିର ଏକ ଶାଶ୍ୱତ ସ୍ରୋତସ୍ୱିନୀ । 'ଗୀତଗୋବିନ୍ଦ'ର ପ୍ରଥମ ସର୍ଗର ନାମ ସାମୋଦ ଦାମୋଦର– ଯେଉଁଠି ଗୋପୀମାନଙ୍କ ସହିତ ଶ୍ରୀକୃଷ୍ଣଙ୍କ କେଳି ବର୍ଣ୍ଣନା, ଦ୍ୱିତୀୟ ସର୍ଗର ନାମ ଅକ୍ଲେଶ କେଶବ– ଯେଉଁଠି ଶ୍ରୀକୃଷ୍ଣଙ୍କ ପ୍ରତି ରାଧାଙ୍କ ଅଭିମାନର ସୂଚନା ତୃତୀୟ ସର୍ଗର ନାମ ମୁଗ୍ଧ ମଧୁସୂଦନ– ଯେଉଁଠି ଶ୍ରୀକୃଷ୍ଣଙ୍କର ରାଧା ଅନୁଚିନ୍ତାର ବର୍ଣ୍ଣନା, ଚତୁର୍ଥ ସର୍ଗର ନାମ ସ୍ନିଗ୍ଧ ମଧୁସୂଦନ ଯେଉଁଠି ସଖୀ ସହିତ ଶ୍ରୀକୃଷ୍ଣଙ୍କର ମନ୍ତ୍ରଣା, ପଞ୍ଚମ ସର୍ଗର ନାମ ନାଗର ନାରାୟଣ– ଯେଉଁଠି ଶ୍ରୀକୃଷ୍ଣଙ୍କ ଅଦର୍ଶନରେ ରାଧାଙ୍କ ଅନୁଚିନ୍ତାର ବର୍ଣ୍ଣନା, ଅଷ୍ଟମ ସର୍ଗର ନାମ ଖଣ୍ଡିତା ବର୍ଣ୍ଣନା– ଯେଉଁଠି କୃଷ୍ଣ ଅନାଗମରେ ରାଧାଙ୍କର କୋପ, ନବମ ସର୍ଗର ନାମ କଳହାନ୍ତରିତା– ଯେଉଁଠି ରାଧାଙ୍କର କୋପ ଦୂର ନିମନ୍ତେ ସଖୀମାନଙ୍କର ଉଦ୍ୟମ, ଦଶମ ସର୍ଗର ନାମ ମୁଗ୍ଧ ମାଧବ– ଯେଉଁଠି ଶ୍ରୀକୃଷ୍ଣଙ୍କର ମାନଭଞ୍ଜନ, ଏକାଦଶ ସର୍ଗର ନାମ ଅଭିସାରିକା ବର୍ଣ୍ଣନା– ଯେଉଁଠି ରାଧାକୃଷ୍ଣଙ୍କର ପାରସ୍ପରିକ ଅନୁରାଗ ବୃଦ୍ଧି ନିମନ୍ତେ ସଖୀମାନଙ୍କର ପ୍ରଯତ୍ନ ଏବଂ ଶେଷ ଦ୍ୱାଦଶ ସର୍ଗର ନାମ ସୁପ୍ରୀତ ଦାମୋଦର– ଯେଉଁଠିରାଧାକୃଷ୍ଣଙ୍କର ମିଳନ ବର୍ଣ୍ଣନା କରାଯାଇଛି ।

'ଗୀତଗୋବିନ୍ଦ'ର ପ୍ରାରମ୍ଭରେ ସ୍ଥାନିତ ଦଶାବତାର ସ୍ତୋତ୍ର ଶ୍ରୀକୃଷ୍ଣଙ୍କ ମହିମାର ଏକ ଜ୍ୱଳନ୍ତ ନିଦର୍ଶନ । 'ଗୀତଗୋବିନ୍ଦ'ରେ ଶ୍ରୀକୃଷ୍ଣଙ୍କୁ ଅନେକ ନାମରେ ନାମିତ କରାଯାଇଛି । ମାଧବ, ବାସୁଦେବ, ହରି, କେଶବ ଓ ଜଗଦୀଶ । ଜଗଦୀଶଙ୍କ ଦଶବିଧ ରୂପ ଥିବାରୁ ତାଙ୍କୁ 'ଦଶାକୃତିକୃତ' ଭାବରେ କବି ପ୍ରକାଶ କରିଛନ୍ତି । 'ଜଗଦୀଶ' ଶବ୍ଦର ବ୍ୟବହାରରୁ ଶ୍ରୀକୃଷ୍ଣଙ୍କର ସର୍ବବ୍ୟାପକତା ଓ ଜଗନ୍ନାଥ କଳ୍ପନା ଦୃଢୀଭୂତ ହେଉଛି । ଜଗଦୀଶଙ୍କର ଦଶବିଧ ରୂପ ପ୍ରକୃତରେ ବିଷ୍ଣୁଙ୍କର ଦଶଟି ଅବତାର । ଶ୍ରୀଗୀତଗୋବିନ୍ଦର କୃଷ୍ଣ ଅବତାର ନୁହଁନ୍ତି, ସେ ହେଉଛନ୍ତି ପୂର୍ଣ୍ଣାବତାର ବା ଅବତାରୀ । 'ଗୀତଗୋବିନ୍ଦ'ର ଜଗଦୀଶ କୃଷ୍ଣ ଯଥାର୍ଥରେ ଓଡ଼ିଶାର ରାଷ୍ଟ୍ରଦେବତା ଜଗନ୍ନାଥ । ପୁରୁଷୋତ୍ତମ ଜଗନ୍ନାଥତତ୍ତ୍ୱ ଜୟଦେବଙ୍କୁ ଗୀତଗୋବିନ୍ଦ ରଚନା ନିମନ୍ତେ ପ୍ରେରଣା ପ୍ରଦାନ କରିଥିଲା ।

'ଗୀତଗୋବିନ୍ଦ' ଉପରେ ପ୍ରଣୀତ ହୋଇଥିବା ୩୧ ଗୋଟି ଟୀକା ଅଦ୍ୟାବଧି ଗବେଷକମାନଙ୍କ ଦୃଷ୍ଟିକୁ ଆସିଛି । ଏକତ୍ରିଂଶ ସଂଖ୍ୟକ ଟୀକା ବ୍ୟତୀତ ଅନ୍ୟାନ୍ୟ କେତେକ ଟୀକା ରହିଛି ବୋଲି ଆଲୋଚକଗଣ ମତପ୍ରକାଶ କରିଥାନ୍ତି । ଏହାହିଁ ହେଉଛି ଗୀତଗୋବିନ୍ଦ' ଲୋକପ୍ରିୟତାର ବଳିଷ୍ଠ ପ୍ରମାଣ । ଭାରତବର୍ଷର ଅନ୍ୟକୌଣସି କାବ୍ୟ ଉପରେ ଏତେ ସଂଖ୍ୟକ ଟୀକା ପ୍ରଣୀତ ହେବାର ଦୃଷ୍ଟିଗୋଚର ହୁଏନାହିଁ । ଭାରତୀୟ ଭାଷାରେ ରଚିତ ବହୁ କୃଷ୍ଣକାବ୍ୟ ତଥା ସଂଗୀତ ଗ୍ରନ୍ଥରେ 'ଗୀତଗୋବିନ୍ଦ'ର ପ୍ରଭାବ ପରିଲକ୍ଷିତ ହୋଇଥାଏ । କେବଳ ଭାରତୀୟ ପଣ୍ଡିତ ନୁହନ୍ତି, ସାର ଉଇଲିୟମ ଜୋନ୍ସଙ୍କ ତୁଲ୍ୟ ପାଶ୍ଚାତ୍ୟ ମନୀଷୀମାନେ ଉକ୍ତ କାବ୍ୟର ଭୂରି ଭୂରି ପ୍ରଶଂସା କରିଛନ୍ତି । କାବ୍ୟର ଗୌରବ ତଥା ମହାନ୍ ବୈଶିଷ୍ଟ୍ୟକୁ ପ୍ରତିପାଦନ କରିବାକୁ ଯାଇ କବି କାବ୍ୟର ଶେଷଭାଗରେ ପ୍ରକାଶ କରିଛନ୍ତି–

''ଯଦ୍ଗୁ ଗାନ୍ଧର୍ବ କଳାସୁ କୌଶଳମନୁଧ୍ୟାନଂଚ ଯଦ୍ ବୈଷ୍ଣବ
ଯଦ୍ ଶୃଙ୍ଗାର ବିବେକତ୍ତ୍ୱମମପିୟଦ୍
କାବ୍ୟେଷୁ ଲୀଳାୟିତମ୍
ତଦ୍ ସର୍ବଂ ଜୟଦେବ ପଣ୍ଡିତ କବେଃ
କୃଷ୍ଣୈକତା ନାମ୍ନଃ
ସାନନ୍ଦାଃ ପରିଶୋଧୟନ୍ତୁ ସୁଧିୟଃ
ଶ୍ରୀଗୀତଗୋବିନ୍ଦତଃ ।''

'ଗୀତଗୋବିନ୍ଦ'ରେ ଗାନ୍ଧର୍ବକଳା ବା ସଙ୍ଗୀତ ବିଦ୍ୟା, ବୈଷ୍ଣବ ଶାସ୍ତ୍ରୋକ୍ତ ଉଜ୍ଜ୍ୱଳରସ ତଥା ରାଧାକୃଷ୍ଣ ଭକ୍ତିମୂଳକ ବୈଷ୍ଣବୀୟ ଦର୍ଶନର ଏକତ୍ର ସୁସମାବେଶ ଘଟିଛି । ସଙ୍ଗୀତ ବିଦ୍ୟା, ଅଧ୍ୟାତ୍ମିକ ବିଦ୍ୟା, ଭକ୍ତି ତତ୍ତ୍ୱ, ରସଶାସ୍ତ୍ରୀୟ ତତ୍ତ୍ୱ, ସାହିତ୍ୟ ବିଦ୍ୟାର ସୁବର୍ଣ୍ଣ ସମନ୍ୱୟ 'ଗୀତଗୋବିନ୍ଦ' ।

ସାଙ୍ଗୀତିକ ଉତ୍କର୍ଷ ଦୃଷ୍ଟିରୁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଦେଶରେ 'ଗୀତଗୋବିନ୍ଦ'ର ଲୋକପ୍ରିୟତା ଯଥେଷ୍ଟ ଅଧିକ । ବହୁଖ୍ୟାତି ସମ୍ପନ୍ନ ସଙ୍ଗୀତଜ୍ଞଙ୍କ ପାଇଁ କାବ୍ୟଟି ଆଲୋଚନାର ବିଷୟ ହୋଇଛି । ଏ ପ୍ରସଙ୍ଗରେ ଉଲ୍ଲେଖ କରିବା କଥା ଯେ ୧୯୧୬ ଖ୍ରୀଷ୍ଟାବ୍ଦରେ ବରୋଦାଠାରେ ପ୍ରଥମକରି ଭାରତୀୟ ସଙ୍ଗୀତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତବିଖ୍ୟାତ ସଙ୍ଗୀତଜ୍ଞ ପଣ୍ଡିତ ବିଷ୍ଣୁ ନାରାୟଣ ଭାତ୍‌ଖଣ୍ଡେ ଗୀତଗୋବିନ୍ଦ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମତ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ''ଆମର ପ୍ରାଚୀନ ସଙ୍ଗୀତଗ୍ରନ୍ଥ ମଧ୍ୟରେ ବାରଶ ଶତାବ୍ଦୀର କବି ଜୟଦେବଙ୍କ ରଚନା 'ଗୀତଗୋବିନ୍ଦ' ହେଉଛି ଏକ ଶ୍ରେଷ୍ଠକୃତି । ଏହିପରି କେତେଗୋଟି ସଙ୍ଗୀତଗ୍ରନ୍ଥ ଆମ ସାହିତ୍ୟରେ ରହିଥିବା ଯୋଗୁଁ ଆମେ ପୃଥିବୀର ପ୍ରାଚୀନତମ ସଙ୍ଗୀତଜ୍ଞ ଜାତିବୋଲି ଦାବି କରୁଛୁ । ମାତ୍ର ଭାରତର ଅଧିକାଂଶ ସଙ୍ଗୀତଜ୍ଞ ବା ଗାୟକ ' ଗୀତଗୋବିନ୍ଦ'ର ସଙ୍ଗୀତଗୁଡ଼ିକୁ ତାହାର ମୌଳିକ ରାଗରେ ଗାନ କରିପାରୁନଥିବା ବିଷୟ ସେ ସୂଚାଇଥିଲେ ।

'ଗୀତଗୋବିନ୍ଦ'ରେ ସଙ୍ଗୀତର ପରିପ୍ରକାଶ କେଉଁ ଦେଶରୁ ପ୍ରଥମେ ପ୍ରକଟିତ ହୋଇଥିଲା, ଏହାର ଅନୁସନ୍ଧାନ କରିବାକୁ ଯାଇ ସାର୍ ଉଇଲିୟମ୍ ଜୋନ୍‌ସ (Sir William jones) କଲିକତାଠାରେ 'Asiatic Research Society Journal' ନାମକ ଗବେଷଣା ପତ୍ରିକାର ଖ୍ରୀ୧୧୨୯ ସଂଖ୍ୟାରେ (Vol.III.pp.190.207) ଗୋଟିଏ ଦୀର୍ଘ ପ୍ରବନ୍ଧରେ ପ୍ରକାଶ କରିଛନ୍ତି–

The Loves of Krishna and Radha XXX on the subject of the little pastoral at drama, entitled 'Geeta Govinda", it was the work of Jayadeva, who flourished, it is said before kalidash(?) and was born at kenduli, which may believe to be in kalinga, but there is a town of similar name, the nation of it insists that the first 'Lyrical poet of india was their countryman and celebrated in honour of him an annual festival (vide 'Preface to Geeta Govinda' by sir W. Jones Published by upendralal Das, calcutta-1894)

ସାର୍ ଉଇଲିୟମ୍ ଜୋନ୍‌ସ ଖ୍ରୀ ୧୮ଶ ଶତାବ୍ଦୀର ଶେଷ ଭାଗରେ କଲିକତାରେ ପ୍ରତିଷ୍ଠିତ ଉଚ୍ଚନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ଥିଲେ । ସେ ସର୍ବପ୍ରଥମେ ବୈଜ୍ଞାନିକ ପଦ୍ଧତିରେ ଇତିହାସ ଗବେଷଣା ନିମନ୍ତେ 'Asiatic Research society journal' ଇଂରାଜୀ ପତ୍ରିକାର ଶୁଭଦେଇ ନିଜେ କେତେକ ଗବେଷଣାମୂଳକ ପ୍ରବନ୍ଧ ପ୍ରକାଶ କରିଥିଲେ । ଭାରତୀୟ ସଙ୍ଗୀତର ମୂଳଦୁଆ ଖୋଜିବା ପାଇଁ ସେ ନେପାଳ, ଉତ୍ତର ଓ ପଶ୍ଚିମ ଭାରତର ଗୁଜୁରାଟ, ମହାରାଷ୍ଟ୍ର ପ୍ରଭୃତି ଦେଶ ଭ୍ରମଣ କରିଥିଲେ । କିନ୍ତୁ ସେଠାରୁ ସେ ଖବର ସଂଗ୍ରହ କରିଥିଲେ ଯେ ଭାରତୀୟ ସଂଗୀତ ପ୍ରଥମେ କଳିଙ୍ଗରେ ହିଁ ପ୍ରକାଶ ହୋଇଥିଲା । ତେଣୁ ଜୟଦେବଙ୍କ ସଙ୍ଗୀତ ତାଙ୍କ ଜନ୍ମଭୂମି କେନ୍ଦୁଲୀ ନାମକ ଗ୍ରାମସ୍ଥିତ କଳିଙ୍ଗ ଦେଶରେ ଆତ୍ମପ୍ରକାଶ କରିଥିଲା ବୋଲି ସେ ତାଙ୍କ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି । ସାର୍ ଉଇଲିୟମ୍ ଜୋନ୍‌ସଙ୍କ ସମୟରେ ଓଡ଼ିଶା ଇଂରେଜୀ ଶାସନାଧୀନ ହୋଇନଥିଲା । ତେଣୁ ସେ ଓଡ଼ିଶାର ନାମ ଉଲ୍ଲେଖ ନକରି କଳିଙ୍ଗ ବୋଲି ପ୍ରକାଶ କରିଛନ୍ତି ।

ପ୍ରେମ ପ୍ରଣୟର ସବୁଜ ସରଳାର୍ଥ 'ଗୀତଗୋବିନ୍ଦ' କୋମଳକାନ୍ତ ପଦାବଳୀ ଏବଂ ସରଳତରଳ ଭାବ ପ୍ରତ୍ୟେକ ଉତ୍କଳୀୟ ଜନମନରେ ଭକ୍ତିରସର ମନ୍ଦାକିନୀ ସୃଷ୍ଟି କରିଛି । ଭାରତୀୟ ବୈଷ୍ଣବ ଧର୍ମ ଚେତନାର ଅଦ୍ଭୁତ ପରିପ୍ରକାଶ ଓ ସାମାଜିକ, ସାଂସ୍କୃତିକ, ଐକ୍ୟକୁ ସୁଦୃଢ଼ କରିବାରେ 'ଜୟଦେବଙ୍କ ଗୀତଗୋବିନ୍ଦ ଏକ ସାର୍ଥକ ସୃଷ୍ଟି । ଓଡ଼ିଶାରେ ନୁହେଁ, ବିଶ୍ୱର କଳା, ସାହିତ୍ୟ, ସଙ୍ଗୀତ, ଧର୍ମକ୍ଷେତ୍ରରେ 'ଗୀତଗୋବିନ୍ଦର ପ୍ରଭାବ ସୁସ୍ପଷ୍ଟ । ଯେତେଦିନ ପର୍ଯ୍ୟନ୍ତ ସଙ୍ଗୀତ ବିଦ୍ୟାର ଆଦର ଥିବ, କାବ୍ୟବିଳାସ କୁଶଳ ରସିକମାନେ ତତ୍ତ୍ୱ ବିବେକ ଓ ଶୃଙ୍ଗାର ସମ୍ବନ୍ଧରେ ଗବେଷଣା କରୁଥିବେ, କୃଷ୍ଣଗତ ପ୍ରାଣ ବୈଷ୍ଣବମାନେ ଧରାପୃଷ୍ଠରେ ରହିଥିବେ, ସେତେଦିନ ପର୍ଯ୍ୟନ୍ତ ଜୟଦେବଙ୍କ ଅମରକୃତି 'ଶ୍ରୀଗୀତଗୋବିନ୍ଦ' ଜନଗଣର ମାନସପଟ୍ଟରେ ରହିଥିବ । 'ସଂସ୍କୃତ ସାହିତ୍ୟର ଇତିହାସ'ରେ (A.A. Macdwell) ଯଥାର୍ଥରେ ପ୍ରକାଶ କରିଛନ୍ତି–

It is some what strange that a poem which describes the transports of sensual Love with all the exuberance of an omentant fancy should, in the present instance and not for the first time have received an allegorical explanation in a mystical religious sense.

ସାରସ୍ୱତ ସାଗ୍ନିକ ସାଧକ ଜୟଦେବ ବାସ୍ତବରେ ଗଣର ଗୌଣିକ । 'ଗୀତଗୋବିନ୍ଦ' ଭାବର ଭାସ୍କର୍ଯ୍ୟ । କମନୀୟକଳାର କୋଣାର୍କ ଗୀତଗୋବିନ୍ଦ କବି ଜୟଦେବଙ୍କୁ ଚିର ଅମର କରି ରଖିବ ଏଥିରେ ତିଳେହେଲେ ସନ୍ଦେହର ଅବକାଶ ନାହିଁ ।

ପ୍ରମୁଖ ସଚିବ
ସିସୋର ସାହିତ୍ୟ ଏକାଡେମୀ
୪୪୩, ଶହୀଦ ନଗର, ଭୁବନେଶ୍ୱର

ସହାୟକ ଗ୍ରନ୍ଥସୂଚୀ

୧– ଶ୍ରୀଜୟଦେବ ଓ ଶ୍ରୀଗୀତଗୋବିନ୍ଦ: ଶ୍ରୀ କେଦାରନାଥ ମହାପାତ୍ର
ପ୍ରକାଶକାଳ: ୧୯୭୩ ପ୍ରକାଶକ: ଗ୍ରନ୍ଥକର୍ତ୍ତା

୨– ଉତ୍କଳରକବି ଜୟଦେବ: ସାରଳା ସାହିତ୍ୟ ସଂସଦ ପ୍ରକାଶକାଳ: ୧୯୯୨, ପ୍ରକାଶକ: ଓଡ଼ିଶାବୁକ୍‌ଷ୍ଟୋର: କଟକ

୩– ଓଡ଼ିଆ ରାଧା ସାହିତ୍ୟ: ଡକ୍ଟର ଆଶୁତୋଷ ପଟ୍ଟନାୟକ
ପ୍ରକାଶକାଳ: ୧୯୮୮

୪– ପ୍ରାଚୀନଉତ୍କଳ: ଶ୍ରୀ ଜଗବନ୍ଧୁ ସିଂହ: ପ୍ରକାଶକାଳ: ୧୯୭୪ ପ୍ରକାଶକ: ଓଡ଼ିଶା ସାହିତ୍ୟ ଏକାଡେମୀ: ଭୁବନେଶ୍ୱର

୫– ଓଡ଼ିଆ ସାହିତ୍ୟର ଇତିହାସ: ଡକ୍ଟର ସୂର୍ଯ୍ୟନାରାୟଣ ଦାସ: ପ୍ରକାଶ କାଳ: ୧୯୬୬, ପ୍ରକାଶକ: ଗ୍ରନ୍ଥମନ୍ଦିର: ବିନୋଦବିହାରୀ: କଟକ:୨

୬– ଓଡ଼ିଆ କବି ଓ କାବ୍ୟ: ଶ୍ରୀ ନୀଳମଣି ମିଶ୍ର: ପ୍ରକାଶ କାଳ: ୧୯୬୯ ପ୍ରକାଶକ: ଓଡ଼ିଶା ସାହିତ୍ୟ ଏକାଡେମୀ: ଭୁବନେଶ୍ୱର

୭– ପଞ୍ଚସଖା ଓଡ଼ିଆ ସାହିତ୍ୟ: ଡକ୍ଟର ବେବେନ୍ଦ୍ର ମହାନ୍ତି: ପ୍ରକାଶ କାଳ: ୧୯୭୩, ପ୍ରକାଶକ: ଫ୍ରେଣ୍ଡସ୍ ପବ୍ଲିଶର୍ସ: ବିନୋଦବିହାରୀ: କଟକ

୮– ସୃଷ୍ଟି ଓ କୃଷ୍ଟି: ଅଧ୍ୟାପକ ବ୍ରହ୍ମାନନ୍ଦ ଦାସ: ପ୍ରକାଶକାଳ: ୧୯୭୨ ପ୍ରକାଶକ: ଡକ୍ଟର ପ୍ରଭାବତୀ ଦାସ

୯– ମହାକବି ଜୟଦେବ ଓ ଗୀତଗୋବିନ୍ଦ: ଡକ୍ଟର ସତ୍ୟନାରାୟଣ ରାଜଗୁରୁ: ପ୍ରକାଶକାଳ: ୧୯୯୫, ପ୍ରକାଶକ: ଆଶା ପୁସ୍ତକାଳୟ: ବ୍ରହ୍ମପୁର

୧୦– ଆମ କାବ୍ୟ–କବିତାରେ ଶ୍ରୀରାଧାବିଳାସ: ଶ୍ରୀମତୀ ମମତା ଦାଶ: ପ୍ରକାଶକାଳ: ୨୦୧୦, ପ୍ରକାଶକ: ମନୋରମା ପବ୍ଲିଶର୍ସ: ବାଲୁବଜାର: କଟକ

English section

1. A History of sanskrit literature: A. Macdewell Reprint- 1928.
2. A History of sanskrit literature: A.B. Keith Reprint: 1920
3. Antiquities of odisha: R.L. Mitra Vol. page- 165
4. History of Indian literature: M. Winternitz
5. A Brief survey of ancient literature: R.C. Ghosh classical publishing company, Newdelhi-15
6. Ancient Indian literary and cultural tradition: Ashim kumar chatterjee
7. History of sanskrit poeties: P.V. Kane: Motilal Banarasidasa: 1963.
8. A New History of sanskrit literature: Krishna chaitanya: Newdelhi:1977.